## ଲଜ୍ ମାଲିକଙ୍କୁ ମାଡ଼ମାରି ଲୁଟ୍

ବୁଗୁଡ଼ା, (ଡି.ଏନ.ଏ.): ବୁଗୁଡ଼ା-ମୋଟାବାଡ଼ି ରାସ୍ତାରେ ସୋମବାର ଭଞ୍ଜନଗର ଓମ୍ ଲଜ୍‌ର ମାଲିକ ଅମରେନ୍ଦ୍ର ପଟ୍ଟନାୟକଙ୍କୁ ଦୁର୍ବୃତ୍ତମାନେ ମାଡ଼ମାରି ତାଙ୍କଠାରୁ ଲୁଟ କରିଛନ୍ତି। ଅମରେନ୍ଦ୍ର କାର୍‌ରେ ବୁଗୁଡ଼ା ଅଭିମୁଖେ ଆସୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ନିସ୍ତୁକ ମାଡ଼ ମାରିବା ସହ ସେ ପିନ୍ଧିଥିବା ସୁନା ଚେନ୍ ଓ ମୁଦି ଲୁଟି ନେଇ ଚମ୍ପଟ ମାରିଥିଲେ। ପୋଲିସ ପହଞ୍ଚି ଅମରେନ୍ଦ୍ରଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲା। ସେଠାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା।

## ସଂକ୍ଷେପରେ

### ମେଣ୍ଡରାଜପୁର ବସ୍ ଟ୍ରାଜେଡି ମୃତାହତଙ୍କ ପରିବାରକୁ ଜିଲାପାଳ ଭେଟିବେ ଆଜି

ଛତ୍ରପୁର,୮।୨(ଡି.ଏନ.ଏ.): ଗତବର୍ଷ ଫେବୃୟାରୀ ୯ତାରିଖରେ ଗୋଳନ୍ଥରା ଥାନା ଅଧୀନ ମେଣ୍ଡରାଜପୁର ରାସ୍ତାରେ ଡଙ୍କଲପାଡୁରୁ ଯାଉଥିବା ବସ୍‌ରେ ବିଦ୍ୟୁତ୍ ତାର ଲାଗିଯିବାରୁ ୧୨ ଜଣଙ୍କ ଜୀବନ ଯାଇଥିଲା । ୧୧ ଜଣ ଗୁରୁତର ହୋଇଥିଲେ । ଏହି ଘଟଣାକୁ ମଙ୍ଗଳବାର ବର୍ଷେ ପୂରିବ । ମୃତାହତଙ୍କ ପରିବାରଙ୍କୁ ଭେଟି କ'ଣ ସବୁ ସମସ୍ୟା ରହିଛି ସେ ସମ୍ପର୍କରେ ଆଲୋଚନା କରିବାକୁ ମଙ୍ଗଳବାର ଉକ୍ତ ଗାଁକୁ ଯିବେ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ବସ ଟ୍ରାଜେଡିରେ ଆହତଙ୍କ ମଧ୍ୟରୁ କେତେଜଣ ଭିନ୍ନକ୍ଷମ ହୋଇଯାଇଛନ୍ତି। ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଛି। କେତେକଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ମିଳି ନ ଥିବା ସମ୍ପର୍କରେ ଜିଲାପାଳଙ୍କୁ ପଚାରିବାରେ କେତେଜଣଙ୍କ ବ୍ୟାଙ୍କ ଆକାଉଣ୍ଟ ସମସ୍ୟା ରହିଥିଲା। ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବାକୁ ଏଲଡିଏମ୍‌ଙ୍କୁ କୁହାଯାଇଛି। ଖୁବଶୀଘ୍ର ଏହା ସରିଯିବ ବୋଲି ଜିଲାପାଳ କହିଛନ୍ତି। ଆହତମାନଙ୍କ ନିମନ୍ତେ କ୍ଷତିପୂରଣ ସହାୟତା ଅର୍ଥ ମଞ୍ଜୁର ହୋଇଛି । ଭତ୍ତା ମଧ ଯୋଗାଇ ଦିଆଯିବ। ଏନେଇ କୌଣସି ସମସ୍ୟା ନ ଥିବା ଜିଲାପାଳ କହିଛନ୍ତି।

### ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଭଞ୍ଜନଗର,୮।୨(ଡି.ଏନ.ଏ): ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ରବିବାର ସନ୍ଧ୍ୟାରେ ସ୍ଥାନୀୟ ନାୟକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋମନାଥ ନାୟକ ସଭାପତିତ୍ୱ କରିଥିଲେ । ବୈଠକରେ ନୂତନ ସଭ୍ୟାସଭ୍ୟଙ୍କୁ ସ୍ୱାଗତ କରାଯିବା ସହ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ଉପସଭାପତି ବାଳକୃଷ୍ଣ ବେହେରା, ବିଜୟ କୁମାର ପାତ୍ର, ପଣ୍ଡିତ ଦେବରାଜ ତ୍ରିପାଠୀ, ତ୍ରିନାଥ ଗୌଡ଼, ସନ୍ତୋଷ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ମାଗତି ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା

ହିଞ୍ଜିଳିକାଟୁ, ୮।୨(ଡି.ଏନ୍.ଏ.): ହିଞ୍ଜିଳିକାଟୁ ପୌରାଞ୍ଚଳ ମୋହନ କଲୋନୀ ନୀଳାଚଳ ମୁନିଙ୍କ ଘରେ ସୋମବାର ସନ୍ଧ୍ୟାରେ ବିଦ୍ୟୁତ୍ ସଟ ଶର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଘରର ବିଭିନ୍ନ ବୈଦ୍ୟୁତିକ ଉପକରଣ, ଆସବାବପତ୍ର ସମେତ ପ୍ରାୟ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜଳିଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

### ଉଦ୍ଧାର ଶିଶୁ କନ୍ୟା ଗଜପତିରେ ପହଞ୍ଚିଲା

ପାରଳାଖେମୁଣ୍ଡି,୮।୨(ଡି.ଏନ୍.ଏ.): ଗତ ମାର୍ଚ୍ଚରେ ଖଡ଼ଗପୁର ରେଳ ଷ୍ଟେଶନ, ପଶ୍ଚିମବଙ୍ଗରୁ ଉଦ୍ଧାର ହୋଇଥିବା ଶିଶୁ କନ୍ୟା ଭବାନୀ(୪)ଙ୍କୁ ପଶ୍ଚିମବଙ୍ଗ ପୋଲିସ ସୋମବାର ଗଜପତି ଜିଲାକୁ ଆଣିଛି। ଭବାନୀଙ୍କୁ ଗଜପତି ଜିଲା ଶିଶୁ ମଙ୍ଗଳ ସମିତିକୁ ଅଣାଯାଇଥିଲା। ପାରଳାଖେମୁଣ୍ଡି କଣ୍ଡରା ସାହିର ଏହି ଶିଶୁକନ୍ୟା ୨୦୧୯ ନଭେମ୍ବରରେ ନିଖୋଜ ହୋଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ୨୦୨୦ ମାର୍ଚ୍ଚ ୧୫ ତାରିଖରେ ଶିଶୁକନ୍ୟାଙ୍କୁ ରେଲୱେ ଚାଇଲ୍ଡ ଲାଇନ ଦ୍ୱାରା ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ସମିତି, ପଶ୍ଚିମ ମେଦିନାପୁରରେ ଉପସ୍ଥାପନ କରାଯାଇଥିଲା। ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ ମୁତାବକ ଭବାନୀ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରହୁଥିଲେ। ଛୋଟ ହୋଇଥିବାରୁ ତାଙ୍କର ଠିକଣା ଜଣାନଥିଲା। କିନ୍ତୁ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ତଦନ୍ତ କରାଯାଇ ଠିକଣା ଜଣାପଡ଼ିବା ପରେ ପୋଲିସ ଗଜପତିରେ ପହଞ୍ଚି ଥିଲା। ପଶ୍ଚିମ ମେଦିନାପୁରର ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇବାପରେ ସେଠାକାର ଏକ ଚାରିଜଣିଆ ପୋଲିସ ଟିମ ସହ ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ରାଜିବ ମଲ୍ଲିକ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଆୟା ଭବାନୀଙ୍କୁ ଧରି ପାରଳାଖେମୁଣ୍ଡିରେ ପହଞ୍ଚିଥିଲେ। ଭବାନୀଙ୍କ ଆବଶ୍ୟକ ଥଇଥାନ ଏବଂ ପରିବାର ପାଇଁ ସରକାରୀ ସହଯୋଗ କରିବାକୁ ପ୍ରଶାସନ କାର୍ଯ୍ୟ ଆରମ୍ଭ କରିଛି ବୋଲି ଶିଶୁ ମଙ୍ଗଳ ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

# ମେଣ୍ଡରାଜପୁର ବସ୍ ଦୁର୍ଘଟଣାକୁ ବର୍ଷେ

- ବିଦ୍ୟୁତ୍ ଫାଶରେ ଯାଇଥିଲା ୧୨ ଜୀବନ
- ଦିବ୍ୟାଙ୍ଗଙ୍କୁ ମିଳିନି କୃତ୍ରିମ ଅଙ୍ଗ, ମୃତ୍ୟୁ ପ୍ରମାଣ ପତ୍ର
- ସରକାରୀ ଚାକିରି, ଅଧିକ ସହାୟତା ଦାବି

ବ୍ରହ୍ମପୁର ଅଫିସ,୮।୨

ଗଞ୍ଜାମ ଜିଲା କନିଷି ନିକଟସ୍ଥ ମେଣ୍ଡରାଜପୁର ବସ୍ ଦୁର୍ଘଟଣାକୁ ମଙ୍ଗଳବାର ବର୍ଷେ ପୂରିଛି। ୨୦୨୦ ଫେବୃୟାରୀ ୯ରେ ଏହି ଦୁର୍ଘଟଣାରେ ପର୍ଯ୍ୟାୟକ୍ରମେ ୧୨ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ୧୧ ଜଣ ଗୁରୁତର ହୋଇଥିଲେ। ଏବେ ବି ୭ ଜଣ ଭିନ୍ନକ୍ଷମ ରହିଛନ୍ତି। ସେମାନଙ୍କୁ କୃତ୍ରିମ ଅଙ୍ଗ ମିଳିପାରି ନାହିଁ। ସେମାନେ କୋହଭରା କଣ୍ଠରେ କହିଛନ୍ତି, ଏବେ ବି ଘଟଣା ଦିନର ଚିତ୍ର ଓ ତାଙ୍କ ପରିବାର ସହ ଘଟିଯାଇଥିବା କ୍ଷତ ତାଜା ରହିଛି। ଯେଉଁମାନେ ଭିନ୍ନକ୍ଷମ ହୋଇ ଜୀବିତ ରହିଛନ୍ତି, ସେମାନଙ୍କ ପରିବାରର ଜଣଙ୍କୁ ସରକାର ନିଯୁକ୍ତି ଦିଅନ୍ତୁ ବୋଲି ଦାବି କରିଛନ୍ତି। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ମୃତ ପରିବାର ବର୍ଗଙ୍କୁ ୪ ଲକ୍ଷ ଟଙ୍କା ଦିଆଯାଇଛି। ଅନ୍ୟପଟେ ଆହତଙ୍କୁ ସାଉଥ୍‌କୋ ପକ୍ଷରୁ ୨୫ ହଜାର ଟଙ୍କା ମିଳିଥିବା ବେଳେ ପରବର୍ତ୍ତୀ ସମୟରେ ୫୦ ହଜାର ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ବର୍ଷେ ପୂରିଗଲା ପ୍ରତିଶ୍ରୁତି ମୁତାବକ ଟଙ୍କା କିମ୍ବା ଚାକିରି ମିଳି ନାହିଁ। ଅନ୍ୟପଟେ ମନ୍ତ୍ରୀ, ପ୍ରଶାସନ ପକ୍ଷରୁ ମିଳିଥିବା ପ୍ରତିଶ୍ରୁତି ଫଳପ୍ରଦ ହୋଇନାହିଁ ବୋଲି ଗୁରୁତରମାନେ ଅଭିଯୋଗ କରିଛନ୍ତି। ମୃତ୍ୟୁ ଘଟିଥିବା ୧୨ ଜଣଙ୍କ ମଧ୍ୟରୁ ୯ ଜଣଙ୍କୁ ମୃତ୍ୟୁ ପ୍ରମାଣପତ୍ର ମିଳିଥିବା ବେଳେ ଅନ୍ୟ ୩ ଜଣ ଏକ୍‌ସିଂ ଗ୍ରାମର ୟୁ. ଦେବରାଜ ରେଡ୍ଡୀ (୧୧), ଡଙ୍କଲୁପାଡୁ ଗ୍ରାମର ବି.ମହାଲକ୍ଷ୍ମୀ ରେଡ୍ଡୀ (୩୬) ଓ ଇନ୍ଦ୍ରାକ୍ଷୀ ଗ୍ରାମର ପି. ଭାରତୀ (୧୫)ଙ୍କ ମୃତ୍ୟୁ ଘଟିଥିଲେ ସୁଦ୍ଧା ପ୍ରମାଣପତ୍ର ମିଳି ନ ଥିବା ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି।

୨୦୨୦ ଫେବୃୟାରୀ ୯ ରେ ଗୋଳନ୍ଥରା ଥାନା ଡଙ୍କଲୁପାଡୁ ଗ୍ରାମର ୟୁ.ଅଶୋକ ରେଡ୍ଡୀଙ୍କର ଚିକରଡ଼ା ଗ୍ରାମରେ ନିର୍ବନ୍ଧ ଥିଲା। ବର ଘର ପକ୍ଷରୁ ସିଲକ୍ ସିଟି ବସ୍ (ନଂ ଓଆର୦୭ଟି୧୪୪୧)ରେ ବନ୍ଧୁବାନ୍ଧବଙ୍କ ସହ ଚିକରଡ଼ା ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥିଲା। ଘରଠାରୁ ପ୍ରାୟ ୨ କି.ମି. ମେଣ୍ଡରାଜପୁର ଛକ ନିକଟରେ ୧୧ କେ.ଭି. ବିଦ୍ୟୁତ ତାର ବସ୍ ସଂସ୍ପର୍ଶରେ ଆସିଯିବାରୁ ଜଳି ଯାଇ ଦୁର୍ଘଟଣା ଘଟିଥିଲା। ଲୋକଙ୍କ ଚିତ୍କାର ଶୁଣି ନିକଟରେ ଥିବା ଦୁଇଜଣ ଯୁବକ ଦେବେନ୍ଦ୍ର ସାହୁ ଓ ଜିତୁ ରେଡ୍ଡୀ ଜୀବନକୁ ବାଜି ଲଗାଇ ଯାତ୍ରୀଙ୍କୁ ଉଦ୍ଧାର କରିବା ବେଳେ ସେମାନେ ମଧ ଆହତ ହୋଇଥିଲେ। ଘଟଣା ଦିନ ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପରେ ଅନ୍ୟ ତିନିଜଣଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମରେ ଏକା ସାଙ୍ଗରେ ୮ ଜୁଇ ଜଳିଥିଲା। ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ପୋଲିସ ଗିରଫ କରିବା ସହ ଗାଡ଼ି ମାଲିକଙ୍କ ନାମରେ ମାମଲା ରୁଜୁ କରିଥିଲା। ଘଟଣାର ବିଭାଗୀୟ ତଦନ୍ତ ପରେ ଉଭୟ ସାଉଥକୋ ଓ ଆରଟି ବିଭାଗର କେତେକ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିଲା।



ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିବା ବସ୍।

### ବର୍ଷକ ପରେ ବି କୃତ୍ରିମ ଅଙ୍ଗ ମିଳିଲାନି



ସେ ଘଟଣାରେ ମୋର ଦୁଇ ଗୋଡ଼ ହରାଇଛି। ଏବେ ଯାଏ ଆଖିଥରା ଦୃଶ୍ୟ ମନରୁ ଲିଭିନି। ବସ୍‌ର ମଝି ସିଟ୍‌ରେ ବସିଥିଲି। ହଠାତ୍ କଣ ହେଲା ଜାଣିପାରିଲି ନାହିଁ। ଚେତା ଫେରିଲା ବେଳକୁ କଟକ ଏସ୍‌ସିବିରେ ଥିଲି। ତିନ ଦିନ ପରେ ମୋର ଦୁଇଟି ଯାକ ଗୋଡ଼ କଟା ହେବ ବୋଲି ଡ଼ାକ୍ତର କହିଥିଲେ। କିନ୍ତୁ ମୋର ଅନିଚ୍ଛା ସତ୍ତ୍ୱେ ସରକାରୀ ପ୍ରତିଶ୍ରୁତିକୁ ଆଖି ଆଗରେ ରଖି ମୋର ଗୋଡ଼ କଟାଗଲା। ବ ର୍ତ୍ତମାନ ମୁଁ ସବୁଦିନ ପାଇଁ ପଙ୍ଗୁ ହୋଇଯାଇଛି। କେବଳ ସରକାରୀ ସହାୟତା ବାବଦକୁ ୨୫ ହଜାର ଟଙ୍କା ପାଇଛି। ଅନ୍ୟ କିଛି ସହାୟତା ପାଇପାରି ନାହିଁ। କୃତ୍ରିମ ଅଙ୍ଗ ପ୍ରଦାନ ନେଇ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଛି।

– ବି.ସାରଦା ରେଡ୍ଡୀ

### ମୁଁ ଚାଲିବାକୁ ଚାହୁଁଛି



ସେଦିନ କ'ଣ ହୋଇଥିଲା କିଛି ମନେ ନାହିଁ। ୩ରୁ ୫ ଦିନ ପରେ ମୋର ଚେତା ଫେରିଥିଲା। ମୋର ଦୁଇଟି ଯାକ ଗୋଡ଼ ପୋଡ଼ି ଯାଇଛି। ଡାହାଣ ଗୋଡ଼ର ଆଙ୍ଗୁଠି କଟାଯାଇଛି। ଯଦ୍ୱାରା ମୁଁ ଭଲ ଭାବରେ ଚାଲିପାରୁ ନାହିଁ। ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ସାର୍ଟିଫିକେଟ୍ ମିଳିଛି। ସହାୟତା ବି ମିଳିଛି। କିନ୍ତୁ ମୁଁ ଠିକ୍ ଭାବେ ଚାଲିବାକୁ ଚାହୁଁଛି। ପ୍ରଶାସନ ପକ୍ଷରୁ କୃତ୍ରିମ ଅଙ୍ଗ ପ୍ରଦାନ କରାଗଲେ ମୁଁ ଚାଲିପାରିବି।

– ବି.ପ୍ରସାଦ ରେଡ୍ଡୀ

### ସରକାରୀ ଚାକିରି ମିଳିଲାନି



ଏହି ଦୁର୍ଘଟଣାରେ ସ୍ତ୍ରୀଙ୍କୁ ହରାଇଲି। ଯାହାକୁ ନେଇ ଦୁଇରୁ ୩ ମାସ ଧରି ମାନସିକ ସନ୍ତୁଳନ ହରାଇ ବସିଥିଲି। ସେ ସମୟରେ ପ୍ରଶାସନ ପକ୍ଷରୁ ୨ ଲକ୍ଷ ଟଙ୍କା ସହାୟତା ଦିଆଗଲା। ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ପ୍ରତିଶ୍ରୁତି ପୂରଣ ହୋଇପାରିଲା ନାହିଁ।

– ସି.ଏଚ୍.ଗୋପାଳ ରେଡ୍ଡୀ

### ଝିଅକୁ ଝୁରୁଛି ମା'



ସେ ବହୁତ ଚାଲାକି ପିଲା ଥିଲା। ପାଠ ମଧ ଭଲ ପଢୁଥିଲା। କିନ୍ତୁ ଝିଅକୁ ହରାଇବି ବୋଲି କେବେ ଭାବି ନ ଥିଲି। ଝିଅକୁ ହରାଇ ମୁଁ ଦୁଃଖୀ। ଝିଅକୁ ହରାଇ ବାହୁନି ବାହୁନି କାନ୍ଦି କହିଛନ୍ତି ମା' ସବିତା ସାହୁ। ପଞ୍ଚମ ଶ୍ରେଣୀରେ ପଢୁଥିବା ମେଧାବୀ ଛାତ୍ରୀ ଝିଲି। ଝିଲି ସ୍କୁଲରେ ଭଲ ପାଠ ପଢିବା ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତାରେ ବି ବେଶ୍ ସଫଳତା ହାସଲ କରୁଥିଲା। ସେହିଦିନ ରବିବାର ଥିବାରୁ ଝିଅକୁ ଭୋଜି ପାଇଁ ପଠାଇଥିଲି। ସୋମବାର ଦିନ ସ୍କୁଲରେ କୃତି ପ୍ରତିଯୋଗୀ ଭାବେ ପୁରସ୍କାର ପାଇଥାନ୍ତା। ଝିଅ ବେଶ୍ ଖୁସି ମଧ ଥିଲା। କିନ୍ତୁ ପୁରସ୍କାର ପାଇପାରିଲା ନାହିଁ କି ଝିଅ ବି ଫେରିଲା ନାହିଁ।

### ଉଚ୍ଚ ଶିକ୍ଷା ଆଶାରେ ଦୁଇ ଭଉଣୀ



ମା' କଥା ଏବେ ବି ମନେ ପଡୁଛି। ଆମେ ଦୁଇ ଭଉଣୀ ମା'ର ଅତି ଗେହ୍ଲା ଥିଲୁ। ଆଖିରେ ଲୁହ ଓ କୋହଭରା କଣ୍ଠରେ ଦୁଇ ଭଉଣୀ ବି.ଜ୍ୟୋତ୍ସ୍ନା ରେଡ୍ଡୀ ଓ ବି.ଦ୍ରୌପଦି ରେଡ୍ଡୀ ବସ୍ ଟ୍ରାଜେଡ଼ି ଘଟଣାରେ ମା'କୁ ହରାଇଥିବା ନେଇ ଏଭଳି କହିଛନ୍ତି। ତଥାପି ସେ ହାର ନ ମାନି ବର୍ତ୍ତମାନ ଉଚ୍ଚ ଶିକ୍ଷା ପାଇଁ ଆଶା ରଖିଛନ୍ତି। ତେବେ ଦୁର୍ଘଟଣା ପରେ ବି.ଜ୍ୟୋତ୍ସ୍ନାଙ୍କୁ ପାଠ ପଢା ବାବଦକୁ ପ୍ରଶାସନ ପକ୍ଷରୁ ବହି ଓ ପୋଷାକ ମାଗଣାରେ ଦିଆ ଯାଇଛି। ଜ୍ୟୋତ୍ସ୍ନା ଏବେ ନବମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଦ୍ରୌପଦି ଦଶମ ଶ୍ରେଣୀ ପାଠ ପଢା ସମୟରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ପାଠ ପଢା କ୍ଷେତ୍ରରେ ଅଧିକ ସାହାଯ୍ୟ କରାଗଲେ ଉଚ୍ଚ ଶିକ୍ଷା ପାଇଁ ଆଶା ରଖିଥିବା ଦୁଇ ଭଉଣୀ କହିଛନ୍ତି। ଦୁର୍ଘଟଣା ପରେ ପ୍ରଶାସନ ପକ୍ଷରୁ ୪ ଲକ୍ଷ ଟଙ୍କା ସହାୟତା ମିଳିଛି। ବାକି ସହାୟତା ବର୍ତ୍ତମାନ ସୁଦ୍ଧା ମିଳିପାରି ନାହିଁ। ଦୁଇ ଭଉଣୀଙ୍କ ଜେଜେମା ବି.ସାନ୍ତରାମା ଲାଳନ ପାଳନ ଦାୟିତ୍ୱ ମୁଣ୍ଡାଇଛନ୍ତି।

### ମିଳିନି ମୃତ୍ୟୁ ପ୍ରମାଣ ପତ୍ର



ବସ୍ ଦୁର୍ଘଟଣାରେ ବି.ଚନ୍ଦ୍ରମଣି ରେଡ୍ଡୀଙ୍କ ସ୍ତ୍ରୀ ବି.ମହାଲକ୍ଷ୍ମୀଙ୍କ ମୃତ୍ୟୁକୁ ଏକ ବର୍ଷ ପୂରିଯାଇଥିଲେ ସୁଦ୍ଧା ଅଦ୍ୟାବିଧି ମୃତ୍ୟୁ ପ୍ରମାଣ ମିଳିପାରି ନ ଥିବା ଚନ୍ଦ୍ରମଣି କହିଛନ୍ତି। ଫଳରେ ପୁଅର ପାଠ ପଢା ସାଙ୍ଗକୁ ଜୀବନ ବୀମା ଓ ଅନ୍ୟାନ୍ୟ ସରକାରୀ ସହାୟତାରୁ ବଞ୍ଚିତ ହୋଇଛି। ମୃତ୍ୟୁ ପ୍ରମାଣ ପତ୍ର ପାଇଁ ପ୍ରଶାସନଠାରୁ ଆରମ୍ଭ କରି ଲୋକ ପ୍ରତିନିଧିଙ୍କ ସହାୟତା ଲୋଡ଼ିଥିଲେ ସୁଦ୍ଧା ପ୍ରମାଣ ପତ୍ର ମିଳିପାରିଲା ନାହିଁ।

– ବି.ଚନ୍ଦ୍ରମଣି ରେଡ୍ଡୀ

### ମନେ ପଡ଼ିଲେ କଷ୍ଟ ଅନୁଭବ ହେଉଛି



ଆଖି ସାମ୍ନାରେ ଦୁଇ ଭଉଣୀକୁ ହରାଇଲି। ଭାଇ ହିସାବରେ ଭଉଣୀକୁ ବଞ୍ଚାଇବା ପାଇଁ ଚେଷ୍ଟା କଲି। କିନ୍ତୁ ଭଗବାନ ନିଷ୍ଠୁର। ମୋ ଭଉଣୀକୁ ନେଇଗଲେ। ଏଭଳି ଦୁଃଖ ପ୍ରକାଶ କରିଛନ୍ତି ୟୁ.ଅଶୋକ ରେଡ୍ଡୀ। ଯାହାଙ୍କ ବାହାଘର ୧୧ ତାରିଖରେ ହେବାକୁ ଥିବା ବେଳେ ୯ ତାରିଖ ଦିନ ନିର୍ବନ୍ଧକୁ ଯିବା ସମୟରେ ଏଭଳି ହୃଦୟ ବିଦାରକ ଘଟଣା ଘଟିଥିଲା।

–ୟୁ.ଅଶୋକ ରେଡ୍ଡୀ

### ଏନ୍.ସୁଧାକର ରେଡ୍ଡୀ



ବସ୍ ଟ୍ରାଜେଡ଼ି ଘଟଣାରେ ମୃତ୍ୟୁ ଘଟିଥିବା, ଆହତ ହୋଇଥିବା ଏବଂ ଭିନ୍ନକ୍ଷମଙ୍କୁ ଅଧିକ ସରକାରୀ ସହାୟତା ଦିଆଯାଉ। ଜିଲା ପ୍ରଶାସନ ଅଧିକ ଗୁରୁତ୍ୱ ନେବା ସହ ସହାୟତା ଓ ଚାକିରି ଦେବା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ।

–ଏନ୍. ସୁଧାକର ରେଡ୍ଡୀ, ସରପଞ୍ଚ

**ପ୍ରସ୍ତୁତି:** ବ୍ରହ୍ମପୁରରୁ ସୁବାସ ପାଢ଼ୀ, ସ୍ମୃତି ରଞ୍ଜନ ମହାଳିକ, ଗୋପାଳପୁରରୁ ନବୀନରାଜ୍ ଆଚାରୀ।

## ଆନ୍ଧ୍ରକୁ ଠିକ ଜବାବ ଦେବା ପାଇଁ ପ୍ରୟାସ

ପାରଳାଖେମୁଣ୍ଡି,୮।୨(ଡି.ଏନ୍.ଏ.)

ସୀମାନ୍ତ ଗ୍ରାମଗୁଡ଼ିକୁ ଦଖଲ କରିବା ପାଇଁ ଆନ୍ଧ୍ରପ୍ରଦେଶ ଚକ୍ରାନ୍ତ କରିଥିବା ବେଳେ ଏହାକୁ ଚେକ୍ ଦେବାପାଇଁ ଗଜପତି ଜିଲା ପ୍ରଶାସନ ପ୍ରୟାସ ଆରମ୍ଭ କରିଦେଇଛି। ଅନ୍ୟପଟେ ଆନ୍ଧ୍ରର ଚାଲ୍‌କୁ ଓଡ଼ିଶା ପ୍ରଶାସନ ନିକଟରେ ପହଞ୍ଚାଇଥିବା ବ୍ୟକ୍ତିଙ୍କୁ ଆନ୍ଧ୍ରର ବିଭିନ୍ନ ରାଜନୈତିକ ଦଳ ତରଫରୁ ଧମକ ମିଳୁଥିବା ସୂଚନା ମିଳିଛି। ଆନ୍ଧ୍ର ଅନୁପ୍ରବେଶ ଘଟଣାରେ ଗଜପତି ଜିଲା ପ୍ରଶାସନ ରାୟଗଡ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ଲୋକଙ୍କୁ ମନାଇବାରେ କେତେକାଂଶରେ ସଫଳ ହୋଇଛି। ଗତ ୨ ଦିନ ମଧ୍ୟରେ ଲୋକଙ୍କୁ ମନାଇ ଆନ୍ଧ୍ର ପଞ୍ଚାୟତ ନିର୍ବାଚନରେ ଅଂଶ ଗ୍ରହଣ କରିଥିବା ୨ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଇବାରେ ସକ୍ଷମ ହୋଇଛି। ଅନ୍ୟପଟେ ଆନ୍ଧ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଫାଇଦା ନେଇ ଭୋଟର ସାଜିଥିବା ଲୋକେ ଏବେ ବି ମତଦାନରେ ନିଜକୁ ସାମିଲ କରିବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ପୂର୍ବତନ ସରପଞ୍ଚ ହରିବନ୍ଧୁ କାର୍ଜି କହିଛନ୍ତି।

ଗଜପତି ଜିଲା ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ଆନ୍ଧ୍ରର ଭୋଟର କାର୍ଡ ହାତେଇ ଥିବା ବ୍ୟକ୍ତିଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ ନ କରାଇବା ପାଇଁ ପ୍ରୟାସ ଚଳାଇଛି। ଆସନ୍ତା ୧୩ ତାରିଖରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନରେ ଓଡ଼ିଶାର ଲୋକେ ଯେଭଳି ଅଂଶ ଗ୍ରହଣ ନ କରିବେ ସେଥିପାଇଁ ସୀମାନ୍ତରେ ଥିବା ୬ ଗାଁ ଉପରେ ନଜର ରଖାଯାଇଛି ବୋଲି ଉପଜିଲାପାଳ ସଂଗ୍ରାମ କେଶରୀ ପଣ୍ଡା କହିଛନ୍ତି।

## ସୀମା ବିବାଦ ସମାଧାନରେ ରାଜ୍ୟ ସରକାର ବିଫଳ

**ସିପିଏମ୍ ରାଜ୍ୟ ସମ୍ପାଦକଙ୍କ ସଙ୍ଗିନ ଅଭିଯୋଗ**

- ଉପାନ୍ତ ଅଞ୍ଚଳରେ ବିକାଶ ବାଧାପ୍ରାପ୍ତରୁ ଲୋକେ ଆନ୍ଧ୍ରମୁହାଁ
- ଆନ୍ଧ୍ର ପଞ୍ଚାୟତ ନିର୍ବାଚନରେ ଆଦିବାସୀଙ୍କୁ ପ୍ରାର୍ଥୀ ଯୋଗୁ ଉଦ୍‌ବେଗ

ବ୍ରହ୍ମପୁର ଅଫିସ,୮।୨

ଓଡ଼ିଶା ଓ ଆନ୍ଧ୍ର ସୀମା ବିବାଦ ସମାଧାନରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ତେଣୁ ସୀମାନ୍ତ ଗ୍ରାମଗୁଡ଼ିକ ଦଖଲ ପାଇଁ ପଡ଼ୋଶୀ ଆନ୍ଧ୍ର ସରକାର ଚକ୍ରାନ୍ତ ଚଳାଇଛନ୍ତି। ଏବେ ଆନ୍ଧ୍ରରେ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଚାଲିଛି । ମୁଖ୍ୟତଃ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଓଡ଼ିଶାର ଭୋଟରଙ୍କୁ ପ୍ରଭାବିତ କରି ସେହି ରାଜ୍ୟର ନିର୍ବାଚନରେ ପ୍ରାର୍ଥୀ କରାଯିବା ନେଇ ବିବାଦ ସୃଷ୍ଟି ହୋଇଛି। ପ୍ରଥମେ କୋରାପୁଟ ଜିଲାର କୋଟିଆ ଅଞ୍ଚଳରେ ଏଭଳି ବିବାଦୀୟ ପରିସ୍ଥିତି ଦେଖାଦେଇଥିଲା। ପରବର୍ତ୍ତୀ ସମୟରେ ଗଞ୍ଜାମ ଓ ଗଜପତି ଜିଲାକୁ ବ୍ୟାପିଛି। ଫଳରେ ଓଡ଼ିଶା ସରକାରଙ୍କ ପାରିବା ପଣିଆ ପଦାରେ ପଡ଼ିଛି। ସିପିଏମ୍ ଏଭଳି ସଙ୍ଗିନ ଅଭିଯୋଗ କରିଛି ଓ ତୁରନ୍ତ ସମାଧାନ କରାଯିବାକୁ ଦାବି ହୋଇଛି।

ସିପିଏମ୍ ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକ ସୋମବାର ବ୍ରହ୍ମପୁରରେ ଆହୁରି କହିଛନ୍ତି, ଦକ୍ଷିଣାଞ୍ଚଳର ଉପାନ୍ତ ଅଞ୍ଚଳଗୁଡ଼ିକରେ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାରେ ଓଡ଼ିଶା ସରକାର ବିଫଳ ହୋଇଛନ୍ତି। ବିକାଶ ପ୍ରତି ଅବହେଳା କରାଯାଇଥିବାରୁ ଏହାର ସୁଯୋଗରେ ଆନ୍ଧ୍ର ସରକାର ଫାଇଦା ଉଠାଉଛି। ଅନେକ ଉପାନ୍ତ ଅଞ୍ଚଳବାସୀଙ୍କ ପାଖରେ ଦୁଇ ରାଜ୍ୟର ଭୋଟ ପରିଚୟପତ୍ର ଓ ରାଶନ କାର୍ଡ ରହିଛି। ସେମାନେ ଦୁଇପଟରୁ କଣ୍ଟ୍ରୋଲ ଖାଉଟି ସାମଗ୍ରୀ ନେଉଥିବାର ଦୃଷ୍ଟାନ୍ତ ରହିଛି। ଏହାର ତଦନ୍ତ ଓ ସମାଧାନ ଦିଗରେ ରାଜ୍ୟ ସରକାର ଫଳପ୍ରଦ ପଦକ୍ଷେପ ନେଇ ନ ଥିବା ପଟ୍ଟନାୟକ ଆଉ ଏକ ଅଭିଯୋଗ କରିଛନ୍ତି।

ବରିଷ୍ଠ ବାମପନ୍ଥୀ ନେତା ପଟ୍ଟନାୟକ ଉପରୋକ୍ତ କାରଣ ପାଇଁ ଓଡ଼ିଶା ସରକାରଙ୍କୁ ଦାୟୀ କରିଛନ୍ତି। ତେଲୁଗୁ ଭାଷାଭାଷୀ ବହୁଳ ଓଡ଼ିଶା ଅଞ୍ଚଳବାସୀଙ୍କୁ ବିଭିନ୍ନ ଭାବରେ ପ୍ରଲୋଭିତ କରାଯାଉଥିବାରୁ ସଂଖ୍ୟାଲଘୁ ଲୋକେ ଆନ୍ଧ୍ର ମୁହାଁ ହେବାକୁ ଆଗ୍ରହ ପ୍ରକାଶ କରୁଥିବା ସେ ଦର୍ଶାଇଛନ୍ତି। ଭୋଟ ପରିଚୟପତ୍ର ଥିବାରୁ ନିଜ ରାଜ୍ୟର ପଞ୍ଚାୟତ ନିର୍ବାଚନରେ ଦକ୍ଷିଣାଞ୍ଚଳର ଆଦିବାସୀଙ୍କୁ ପ୍ରାର୍ଥୀ କରାଯାଉଥିବାରୁ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୀମା ବିବାଦର ସମାଧାନ ପାଇଁ ଦୁଇ ରାଜ୍ୟ ମୁଖ୍ୟମନ୍ତ୍ରୀ ଏକାଠି ହୋଇ ଆଲୋଚନା ମାଧ୍ୟମରେ ସମାଧାନର ବାଟ ଫିଟାଇବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଅପରପକ୍ଷରେ ଅବହେଳିତ ସୀମାନ୍ତବର୍ତ୍ତୀ ଓଡ଼ିଶା ଅଞ୍ଚଳରେ ବ୍ୟାପକ ଉନ୍ନୟନମୂଳକ କାର୍ଯ୍ୟ କରାଯିବାକୁ ସିପିଏମ୍ ଦୃଢ଼ ଦାବି କରିଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମଧ ପଠାଯାଇଥିବା ପଟ୍ଟନାୟକ ସୂଚନା ଦେଇଛନ୍ତି।

## ନବମ, ଏକାଦଶ ଶ୍ରେଣୀ ପାଠପଢ଼ା ଆରମ୍ଭ

ବ୍ରହ୍ମପୁର ଅଫିସ୍,୮।୨


ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ହାଏର ସେକେଣ୍ଡାରୀ ସ୍କୁଲରେ ଛାତ୍ରୀଛାତ୍ର ସ୍କୁଲ ଯାଉଛନ୍ତି।

ଗଞ୍ଜାମ ଜିଲାରେ ସୋମବାରଠାରୁ ସମସ୍ତ ହାଇସ୍କୁଲରେ ନବମ ଶ୍ରେଣୀ ଓ ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ହୋଇଛି। ଛାତ୍ରୀଛାତ୍ରଙ୍କ ନିମନ୍ତେ ମାସ୍କ ଓ ସାନିଟାଇଜର ବାଧ୍ୟତାମୂଳ କରାଯାଇଛି। ଜିଲାରେ ପ୍ରଥମ ଦିନରେ ନବମ ଶ୍ରେଣୀରେ ୭୧ ପ୍ରତିଶତ ଉପସ୍ଥାନ ରହିଥିବା ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ କହିଛନ୍ତି। ବ୍ରହ୍ମପୁର ସହରର ଗିରିରୋଡ଼ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀ ସଂଖ୍ୟାକୁ ଦୃଷ୍ଟିରେ ରଖି ୭ ସେକ୍ସନ୍‌କୁ ୧୪ ସେକ୍ସନ୍‌ରେ ବିଭକ୍ତ କରାଯାଇ ସକାଳ ୮.୩୦ରୁ ୧୦.୩୦ ଯାଏ ପାଠ ପଢା ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଆରତୀବାଳା ପଟ୍ଟନାୟକ କହିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ୟୁନିଭରସିଟି ହାୟାର ସେକେଣ୍ଡାରୀ ସ୍କୁଲରେ ପୂର୍ବରୁ ସମସ୍ତ କ୍ଲାସରୁମ୍, ଶୌଚାଳୟ, ଆଦିକୁ ସାନିଟାଇଜ୍ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ପଣ୍ଡା ଏବଂ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ସାନିଟାଇଜର ଦିଆଯିବା ସହ ସାମାଜିକ ଦୂରତା ରକ୍ଷା କରି ଶ୍ରେଣୀକୁ ଛଡାଯାଇଥିଲା।

ସେହିଭଳି ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟରେ ପ୍ରଥମ ଦିନରେ ଶତ ପ୍ରତିଶତ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି କନିଷ୍ଠ ମହାବିଦ୍ୟାଳୟ ସମେତ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୦ ଶ୍ରେଣୀ ଗୃହରେ ପାଠପଢା ହୋଇଥିଲା। ପୂର୍ବାହ୍ନ ୭.୩୦ରୁ ୧୦.୩୦ ଏବଂ ଅପରାହ୍ନ ୧.୩୦ ଏଭଳି ଭାବେ ଦୁଇଟି ପର୍ଯ୍ୟାୟରେ ପଢା ହୋଇଥିବା ଅଧ୍ୟକ୍ଷ ଡ.ରାଧାକାନ୍ତ ନାୟକ ସୂଚନା ଦେଇଛନ୍ତି। ଅନ୍‌ଲାଇନ୍ କ୍ଲାସ୍ ସମୟରେ କେବଳ ତିନୋଟି ବିଷୟରେ ପାଠ ପଢା ହୋଇପାରୁଥିଲା। ବର୍ତ୍ତମାନ ସମସ୍ତ ବିଷୟରେ ପାଠ ପଢିବାର ସୁଯୋଗ ପାଇପାରୁଛୁ ବୋଲି ଛାତ୍ରୀ ଜସ୍ମିନୀ ପରିଡ଼ା କହିଛନ୍ତି। ତେବେ ସହରର ମହାବିଦ୍ୟାଳୟ ଗୁଡ଼ିକରେ ପାଠ ପଢା ସମୟରେ ଶ୍ରେଣୀ ଗୁଡ଼ିକରେ ସାମାଜିକ ଦୂରତା ରହି ନ ଥିବା ଦେଖିବାକୁ ମିଳିଥିଲା। ଏଣୁ ସାମାଜିକ ଦୂରତା ମଧ୍ୟରେ ପାଠ ପଢାଇବା ପାଇଁ ବହୁ ଅଭିଭାବକ କହିଛନ୍ତି।

## ୩ ଅଭିଯୁକ୍ତ ଗଲେ ଜେଲ

**ହତ୍ୟା ମାମଲା**

ଦିଗପହଣ୍ଡି,୮।୨(ଡି.ଏନ.ଏ.)

ପାନ ଦୋକାନୀ ଦୁଷ୍ମନ୍ତ ଚୌଧୁରୀଙ୍କୁ ହତ୍ୟା ଅଭିଯୋଗରେ ଦିଗପହଣ୍ଡି ପୋଲିସ ସୋମବାର ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁକୁଡ଼ାଖଣ୍ଡି ବ୍ଲକ ନୂଆ ଅନନ୍ତେଇ ଗ୍ରାମର ମନୋଜ ସେଠୀ, ରାଜେଶ ଗୌଡ଼ ଏବଂ ଉପେନ୍ଦ୍ର ନାୟକ। ଗତ ୩୧ ତାରିଖ ରାତିରେ ସିଗାରେଟ ଓ ପାଣି ପାଉଚ ବାକି ମାଗିବାକୁ କେନ୍ଦ୍ରକରି ଦୁଷ୍ମନ୍ତଙ୍କ ସହ କିଛି ଯୁବକଙ୍କ ବଚସା ହୋଇଥିଲା। ଏଥିରେ ରାଗିଯାଇ ଅଭିଯୁକ୍ତମାନେ ଦୁଷ୍ମନ୍ତଙ୍କୁ ଘରୁ ଟାଣି ନେଇ ଲୁହାଛଡରେ ମାଡ଼ ମାରିବା ସହ ସଂଘବଦ୍ଧ ଭାବେ ପଥର ଛେଚି ହତ୍ୟା କରିଥିଲେ। ପୋଲିସ ଗତ ୩ ତାରିଖରେ ଏହି ମାମଲାରେ ନୂଆ ଅନନ୍ତେଇ ଗ୍ରାମର ଶଙ୍କର ଦାସ ଓ ବାପିନି ପାତ୍ରଙ୍କୁ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ୨ ଖଣ୍ଡା,୩ ଲୁହାଛଡ଼, ୧୫ରୁ ଊର୍ଦ୍ଧ୍ୱ ପଥରଖଣ୍ଡ ପୋଲିସ ଜବତ କରିଛି।

## ସଫା ହେଲା ୧୮ ନଂ. ୱାର୍ଡ଼ କେନାଲ

**ଧରିତ୍ରୀ ପ୍ରଭାବ**

ବ୍ରହ୍ମପୁର ଅଫିସ୍,୮।୨

ବ୍ରହ୍ମପୁର ମହାନଗର ନିଗମ ୧୮ନଂ.ୱାର୍ଡ଼ ସ୍ଥିତ ତ୍ରିବେଣୀନଗର କେନାଲ ଆବର୍ଜନା କୁଣ୍ଡରେ ପରିଣତ ହୋଇଥିବା ନେଇ ଧରିତ୍ରୀରେ ପ୍ରକାଶ ପାଇବା ପରେ ବିଏମ୍‌ସି ପକ୍ଷରୁ ସୋମବାର ଏହାକୁ ସଫା କରାଯାଇଛି। ଏହି କେନାଲଟି ବହୁ ପୁରାତନ ଓ ଏହା ସଫା ହୋଇପାରୁ ନ ଥିବା ନେଇ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। କିନ୍ତୁ ବିଏମ୍‌ସି ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ଏ ନେଇ ଗତ ୩ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଯାହାପରେ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ୨୦୧୮-୧୯ ରେ କେନାଲ ପୁନଃରୁଦ୍ଧାର ନେଇ ବିଏମ୍‌ସି ପକ୍ଷରୁ ୧୮.୪୨ କୋଟି ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ କୋଟିଏ ଟଙ୍କାରୁ ଟଙ୍କାଟିଏ ବି ଖର୍ଚ୍ଚ ହୋଇ ନ ଥିବା ବେଳେ କେନାଲଟି ସମୟକ୍ରମେ ଆବର୍ଜନା କୁଣ୍ଡରେ ପରିଣତ ହୋଇଥିଲା।



ସଫେଇ ସମୟରେ ଉପସ୍ଥିତ ବିଏମ୍‌ସି କର୍ମଚାରୀ।

## ଆଜିଠୁ ମା' ସିଦ୍ଧ ଭୈରବୀଙ୍କ ଦର୍ଶନ

ଗୋପାଳପୁର: କରୋନା ଯୋଗୁ ଦୀର୍ଘ ୧୧ ମାସ ଗଞ୍ଜାମ ଜିଲା ମନ୍ତ୍ରିଡ଼ିସ୍ଥିତ ଶକ୍ତିପୀଠ ମା' ସିଦ୍ଧ ଭୈରବୀ ମନ୍ଦିର ବନ୍ଦ ରହିଥିଲା। ମଙ୍ଗଳବାରଠାରୁ ଭକ୍ତମାନେ ମା' ସିଦ୍ଧ ଭୈରବୀଙ୍କୁ ଦର୍ଶନ କରିପାରିବେ। ଏହି ଉପଲକ୍ଷେ କନିଷ୍ଠି ଅଗ୍ନିଶମ ବିଭାଗ ପକ୍ଷରୁ ମନ୍ଦିର ପରିସର, ୧୦୮ ମନ୍ଦିର ସାନିଟାଇଜ୍ କରାଯାଇଥିଲା। ପ୍ରତ୍ୟେକ ସୋମବାର ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଏହି ମନ୍ଦିର ବନ୍ଦ ରହିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ପୂର୍ବରୁ ମନ୍ଦିର ବନ୍ଦ ରହିଥିବା ଯୋଗୁ ବିଭିନ୍ନ ସ୍ଥାନରୁ ଆସୁଥିବା ଭକ୍ତମାନେ ମା'ଙ୍କ ଦର୍ଶନ ନ ପାଇ ଫେରିଯାଉଥିଲେ। ଗତ ଶୁକ୍ରବାର ସ୍ଥାନୀୟବାସୀ ମନ୍ଦିର ଖୋଲିବାକୁ ବ୍ରହ୍ମପୁର ଉପଜିଲାପାଳଙ୍କୁ ଦାବି କରିଥିଲେ।

### ସଂକ୍ଷେପରେ

## ସଡ଼କ ଦୁର୍ଘଟଣାରେ ସୁବେଦାରଙ୍କ ମୃତ୍ୟୁ



ଚିକିଟି,୮।୨(ଡି.ଏନ.ଏ.): ଗଞ୍ଜାମ ଜିଲା ଚିକିଟି ପେଣ୍ଠର ସୁବେଦାର କୃଷ୍ଣଚନ୍ଦ୍ର ପଣ୍ଡା (୪୮)ଙ୍କ ସୋମବାର ସଡ଼କ ଦୁର୍ଘଟଣାରେ ଆସାମରେ ମୃତ୍ୟୁ ଘଟିଛି। ସେ ସକାଳେ ୫ଜଣ ଯବାନଙ୍କ ସହିତ ଆସାମର ଏକ ଫାୟରିଂ ଅଞ୍ଚଳକୁ ପାଟ୍ରୋଲିଂ କରିବାକୁ ଯାଉଥିବା ବେଳେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ବିଭାଗୀୟ ଅଧିକାରୀ ପରିବାର ଲୋକଙ୍କୁ ଜଣାଇଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶହୀଦ ସୁବେଦାରଙ୍କ ମୃତଦେହ ମଙ୍ଗଳବାର ବିମାନ ଯୋଗେ ଭୁବନେଶ୍ୱର ଅଣାଯାଇ ନିଜ ଜନ୍ମମାଟିକୁ ନିଆଯିବ ବୋଲି ସୂଚନା ମିଳିଛି। ଶହୀଦଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରାୟ, ଚିକିଟି ବିଧାୟିକା ଉଷାଦେବୀ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। କୃଷ୍ଣଚନ୍ଦ୍ର ପାରାଚୁଟର ବିହାର ୧୪ ତମ ରେଜିମେଣ୍ଟର ଜଏଣ୍ଟ କମାଣ୍ଡିଙ୍ଗ ଅଫିସର ଭାବେ ୩୦ ବର୍ଷ କାଳ କାର୍ଯ୍ୟ କରିବା ସହ କାର୍ଗିଲ ଯୁଦ୍ଧରେ ମଧ ସାମିଲ ଥିଲେ।

## ପଢ଼ିଲେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ

ଜି.ଉଦୟଗିରି,୮।୨(ଡି.ଏନ.ଏ.): କରୋନା ମହାମାରୀରେ ୧୦ ମାସ ହେଲା ଘରେ ବସିଥିବା ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ସୋମବାର ପାଠପଢ଼ା ଆରମ୍ଭ ହୋଇଛି। ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟର ୫୦ ପ୍ରତିଶତ ଛାତ୍ରୀ ପ୍ରଥମ ଦିନ ଶ୍ରେଣୀରେ ଉପସ୍ଥିତ ଥିଲେ। ଛାତ୍ରୀମାନଙ୍କ ପ୍ରଥମେ ଥର୍ମାଲ ସ୍କ୍ରିନିଂ କରିବା, ହ୍ୟାଣ୍ଡ ସାନିଟାଇଜ୍ କରିବା, ମାସ୍କ ପରିଧାନ ପୂର୍ବକ ସାମାଜିକ ଦୂରତା ରଖି ପଢ଼ା ଆରମ୍ଭ ହୋଇଛି ବୋଲି କଲେଜ ଅଧକ୍ଷ ଶିବରାମ ସାହୁ କହିଛନ୍ତି। ଗାଁ ଗହଳିରେ ନେଟୱାର୍କ ସହିତ ଆମମାନଙ୍କ ସ୍ମାଟ ଫୋନ୍ ନ ଥିବା, ଗାଁ ଗହଳିରେ ନେଟୱାର୍କ ନ ରହିବାରୁ ୧୦ ମାସ ହେଲା ଅନଲାଇନ କ୍ଲାସ କରିପାରିନୁ। ତେଣୁ ଏହି ଅଫଲାଇନ କ୍ଲାସ ମୂଲ୍ୟବାନ ବୋଲି ଛାତ୍ରୀମାନେ କହିଛନ୍ତି। ସେହିଭଳି କଳିଙ୍ଗ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା ଆରମ୍ଭ ହୋଇଛି।

## ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ

କାଶୀନଗର,୮।୨(ଡି.ଏନ୍.ଏ.): କାଶୀନଗର ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ କୋଭିଡ୍ ଟିକାକରଣ ଆରମ୍ଭ ହୋଇଛି। ପଞ୍ଚାୟତ ସମିତି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୦୦ ଜଣ ସରକାରୀ କର୍ମଚାରୀଙ୍କୁ ଟୀକା ଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏନ୍ଏସି ନିର୍ବାହୀ ଅଧିକାରୀ ଡ. ସତ୍ୟସମ୍ପୂର୍ଣ୍ଣା ରାଉତ ପ୍ରଥମେ ଟିକା ନେଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଇନଚାର୍ଜ ଡା. ପାର୍ଥ ସାରଥୀ ବେହେରାଙ୍କ ଉପସ୍ଥିତିରେ କର୍ମଚାରୀମାନଙ୍କୁ ଟୀକା ଦିଆଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀମାଞ୍ଚଳ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟକର୍ମୀମାନେ ଟିକା ଦେଇଛନ୍ତି।

## ବି.ନୂଆପଲ୍ଲୀ ଟିମ୍ ବିଜୟୀ

ଶେରଗଡ,୮।୨(ଡି.ଏନ୍.ଏ.): ଶେରଗଡ ବ୍ଲକ ଧନନ୍ତରଠାରେ ନାଥେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ଲିଗ ମ୍ୟାଚ ବି. ନୂଆପଲ୍ଲୀ ଓ ଚଡେୟାପଲ୍ଲୀ ଟିମ୍ ମଧରେ ହୋଇଥିଲା। ଏଥିରେ ବି. ନୂଆପଲ୍ଲୀ ଟିମ୍ ବିଜୟୀ ହୋଇଛି। ଦଳ ତରଫରୁ ତ୍ରିଦେବ ୧୮ ବଲରେ ୩୯ ରନ ଓ ୩ ଓଭର ବୋଲିଂ କରି ୨ ଉଇକେଟ ନେଇଥିବା ଯୋଗୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଧୀରେନ, ଉପେନ୍ଦ୍ର, ସୁଶାନ୍ତ, ସଞ୍ଜୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ୧୦ ଟୋକନ ରଦ୍ଦ, ବଢୁନି ଧାନକିଣା ଟାର୍ଗେଟ

### ଜିଲାପାଳଙ୍କୁ ଭେଟିଲେ ଚାଷୀ



ସିଏସ୍ଓଙ୍କୁ ଭେଟିବାକୁ ଯାଉଛନ୍ତି ଚାଷୀମାନେ।

ଛତ୍ରପୁର,୮।୨(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଧାନକିଣା ବହୁ ଧିମା ରହିଛି । ଜିଲା ପାଇଁ ଧାନକିଣା ଟାର୍ଗେଟ ବଢୁ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଏପଟେ ଚାଷୀମାନେ ଧାନ ଅମଳ କରି ୨/୩ ମାସ ହେଲା ବିକିବା ପାଇଁ ଅପେକ୍ଷା କରି ବସିଛନ୍ତି। ଜିଲାର ଶରଧାପୁର ସେବା ସମବାୟ ସମିତି ଅଧୀନ ୧୦ ଚାଷୀଙ୍କ ଟୋକନ ଅଚଳ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଚାଷୀମାନଙ୍କଠାରୁ ଧାନ କିଣାଯାଇ ନ ଥିବାରୁ ଟୋକନ୍ ଅଚଳ ହୋଇଛି । ଧାନ ବିକିବା ପାଇଁ ପୁଣିଥରେ ସେମାନଙ୍କୁ ଟୋକନ୍ ଦେବା ଲାଗି ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ସୋମବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ଛତ୍ରପୁର ବ୍ଲକର ବିଭିନ୍ନ ଗାଁରେ ମଧ ଧାନର ଅଭାବୀ ବିକ୍ରି ଦେଖାଦେଇଛି । ବିଳମ୍ବ ହେଉଥିବାରୁ ଅନେକ ଚାଷୀ କମ୍ ଦରରେ ଧାନ ବିକି କ୍ଷତି ସହୁଛନ୍ତି। ଧାନ କିଣାଯାଉ ନ ଥିବାରୁ କେତେଜଣଙ୍କ ଟୋକନ୍ ଅଚଳ ହୋଇଗଲାଣି। ସୋମବାର ଧାନକିଣା ସମସ୍ୟା, ଟୋକନ୍ ଅଚଳ ହୋଇଥିବା ଆଦି ସମସ୍ୟା ନେଇ ଚାଷୀମାନେ ଛତ୍ରପୁରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି।

ଛତ୍ରପୁର ବ୍ଲକ ବରଙ୍ଗ ଗାଁର ୭୦ ଚାଷୀଙ୍କ ଟୋକନ୍ ଆସିଥିବାବେଳେ ଧାନ କିଣାଯାଇନି। ଫଳରେ ସେମାନେ କମ୍ ଦରରେ ଧାନ ବିକିବାକୁ ବାଧ ହେଉଥିବା କହିଛନ୍ତି। ୨ ଦିନ ମଧ୍ୟରେ ଧାନ କିଣା ନ ଗଲେ ଧାନବସ୍ତା ରଖି ଆନ୍ଦୋଳନ କରିବେ ବୋଲି ବରଙ୍ଗ ଗ୍ରାମର ଚାଷୀମାନେ ଚେତାବନୀ ଦେଇଛନ୍ତି। ବଡମାଧପୁର ପଞ୍ଚାୟତରେ ମଧ ଧାନ କିଣା ସମସ୍ୟା ଲାଗି ରହିଛି । ୨ ମାସ ମଧ୍ୟରେ ଏହି ପଞ୍ଚାୟତର ୪୪୦ ଚାଷୀଙ୍କ ଟୋକନ୍ ଆସିଥିବାବେଳେ ମାତ୍ର ୮୦ ଜଣଙ୍କ ଧାନ କିଣାଯାଇଛି । ଅନ୍ୟ ଚାଷୀମାନଙ୍କର ଧାନ କିଣାଯାଉ ନ ଥିବାରୁ ଟୋକେନ୍ ରଦ୍ଦ ହୋଇଯିବା ଆଶଙ୍କା ଦେଖାଦେଇଛି । ଧାନକିଣା ଟାର୍ଗେଟ ବୃଦ୍ଧି କରିବା ପାଇଁ ଉକ୍ତ ପଞ୍ଚାୟତର ଚାଷୀମାନେ ଦାବି କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ଧାନ କିଣା ନ ଗଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଜିଲାପାଳଙ୍କୁ ଜଣାଇଛନ୍ତି।



ବିଡିଓ ଟିକା ନେଉଛନ୍ତି।

## ଏପିଡି, ବିଡିଓଙ୍କ ସମେତ ୩୮୪ ଜଣ ନେଲେ ଟିକା

ଛତ୍ରପୁର,୮।୨(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ କରୋନା ଯୋଦ୍ଧାମାନଙ୍କୁ କରୋନା ଟିକାକରଣ ଗତ ୬ ତାରିଖରୁ ଆରମ୍ଭ ହୋଇଛି । ଶନିବାର ଜିଲାପାଳ, ଏସ୍ପିଙ୍କ ସମେତ ୧୩୦ ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ସୋମବାର ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ଓ ପୋଲିସ ବାରାକଠାରେ ଜିଲାପାଳ ଓ ଉପଜିଲାପାଳ, ଡିଆର୍ଡିଏ ଓ ଏନ୍ଏସି କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଓ ପୋଲିସକୁ ମିଶାଇ ମୋଟ ୩୮୪ ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଛି। ଏମାନଙ୍କ ମଧ୍ୟରୁ ବ୍ଲକ କାର୍ଯ୍ୟାଳୟରେ ୨୧୨ ଜଣ ଓ ବାରାକ୍‌ରେ ୧୭୨ ଜଣଙ୍କୁ ଟିକା ଦିଆଯାଇଛି । ଡିଆର୍ଡିଏ ଏପିଡି ଜ୍ୟୋତି ଶଙ୍କର ରାୟ, ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ଆସିଷ୍ଟାଣ୍ଟ ସବକଲେକ୍ଟର ସରୋଜ ଦାଶ ପ୍ରମୁଖ ଟିକା ନେଇଥିଲେ । ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଜ୍ଞାନେନ୍ଦ୍ର କୁମାର ପାତ୍ର, ଡା. ସ୍ମୃତି ଗଗନ ନାୟକ, ରୁପେଶ ପାଣିଗ୍ରାହୀ, ଛତ୍ରପୁର ବ୍ଲକ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ, ବିପିଏମ୍ ସୀମାଞ୍ଚଳ ପ୍ରଧାନ, ଶ୍ରୀକାନ୍ତ ଚୌଧୁରୀ, ପ୍ରିୟଙ୍କା ବେହେରା, ଜଲି ସାହୁ, ରାମନାରାୟଣ ମହାପାତ୍ର ପ୍ରମୁଖ ଟିକାକରଣ କାର୍ଯ୍ୟକ୍ରମକୁ ପରିଚାଳନା ଓ ସହଯୋଗ କରିଥିଲେ । ଏହାକୁ ମିଶାଇ ପରବର୍ତ୍ତୀ ପର୍ଯ୍ୟାୟରେ ଛତ୍ରପୁର ବ୍ଲକ କାର୍ଯ୍ୟାଳୟ, ବାରାକ ବିଲଡିଂ ମୋଟ ୧୭୦୪ ଜଣ ଆଗଧାଡିର କରୋନା ଯୋଦ୍ଧାଙ୍କୁ ଉକ୍ତ କେନ୍ଦ୍ରଗୁଡ଼ିକରେ କୋଭିଡ୍ ଟିକା ଦିଆଯିବାକୁ ସ୍ଥିର ହୋଇଛି।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରାଯାଉ



ବୈଠକରେ ଯୋଗଦେଇଥିବା କର୍ମଚାରୀମାନେ।

### ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ବୈଠକ

ଭଞ୍ଜନଗର,୮।୨(ଡି.ଏନ.ଏ.)

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ଭଞ୍ଜନଗର ଶାଖାର ଏକ ବୈଠକ ରବିବାର ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରାଯିବା ସହ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବର୍ତ୍ତମାନ ଟାଟା ହାତକୁ ବିଦ୍ୟୁତ୍ ବିଭାଗ ପରିଚାଳନା ଦାୟିତ୍ୱ ଚାଲିଯାଇଛି। ଆଉଟସୋର୍ସିଂରେ କାର୍ଯ୍ୟରତ କର୍ମଚାରୀଙ୍କୁ ବକେୟା ଦରମା ତୁରନ୍ତ ପ୍ରଦାନ କରିବା, ସେମାନଙ୍କୁ ନିୟମିତ କର୍ମଚାରୀ କରିବା ଓ କର୍ମଚାରୀମାନଙ୍କ ଅନ୍ୟାନ୍ୟ ସମସ୍ୟା ତୁରନ୍ତ ସମାଧାନ କରିବା ଲାଗି ଦାବି ଉପସ୍ଥାପନ କରାଯାଇଥିଲା। ସାଧାରଣ ସମ୍ପାଦକ ଅକ୍ଷୟ ତ୍ରିପାଠୀ, ଦକ୍ଷିଣାଞ୍ଚଳ ଜୋନ ଉପସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସୂର୍ଯ୍ୟନାରାୟଣ ବିଷୋୟୀ, ଭଞ୍ଜନଗର ଶାଖା ଉପଦେଷ୍ଟା ତ୍ରିନାଥ ଦୋରା, ଡିଭିଜନ ସମ୍ପାଦକ ମନୋଜ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଚଳିତବର୍ଷ ପାଇଁ ମନୋଜ ପଣ୍ଡା ଡିଭିଜନ ସମ୍ପାଦକ, ସହସମ୍ପାଦକ ଭାବେ କେଦାର ନାଥ ରଣା ନିର୍ବାଚିତ ହୋଇଛନ୍ତି । ସେହିଭଳି କେନ୍ଦ୍ରୀୟ କାର୍ଯ୍ୟକାରୀ ସଭ୍ୟ ଭାବେ ଜିତେଶ ମହାପାତ୍ର, କୋଷାଧକ୍ଷ ସାରଦା ପ୍ରସାଦ ସ୍ୱାଇଁ, ସବ୍‌ଡିଭିଜନ ଲାଗି ସୂର୍ଯ୍ୟନାରାୟଣ ବେହେରା, ନିଶିକାନ୍ତ ସ୍ୱାଇଁ, ବେଲଗୁଣ୍ଠା ପାଇଁ ପ୍ରଶାନ୍ତ ମିଶ୍ର, ସୋରଡ଼ା ପାଇଁ ପି. ତୁଳସୀ ରାଓ ସବ୍ ଡିଭିଜନ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ଏଥିସହ ଅନ୍ୟାନ୍ୟ ପଦବୀ ପାଇଁ କବିରାଜ ପ୍ରଧାନ, ରବୀନ୍ଦ୍ର ମଲ୍ଲିକ, ସତ୍ୟନାରାୟଣ ବେହେରା, ଦୀପକ ଷଡ଼ଙ୍ଗୀ, ବିଭୁ ପ୍ରସାଦ ବିଷୋୟୀ, ପ୍ରଦୀପ ଭୂୟାଁ, ମନୋଜ ପାଢ଼ୀ, ବି. ମନୋରଞ୍ଜନ ରେଡ୍ଡୀ, ଯୁଧିଷ୍ଠିର ସାହୁ ମନୋନୀତ ହୋଇଛନ୍ତି ।

## ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାୟଗଡ଼ (ଗଜପତି),୮।୨

ରାୟଗଡ଼ ବ୍ଲକ ସଦର ମହକୁମାରେ ଭଲିବଲ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରବିବାର ମହେନ୍ଦ୍ରଗିରିରୁ ପୂଜାର୍ଚ୍ଚନା କରି ଜ୍ୟୋତି ଅଣାଯାଇଥିଲା। ତାକୁ ସ୍ଥାନୀୟ ଶିବ ମନ୍ଦିରଠାରେ ରଖାଯାଇ ସୋମବାର ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାସରଥି ଗମାଙ୍ଗ ଯୋଗଦେଇ ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆର.ଉଦୟଗିରି ଜିଲା ପରିଷଦ ସଭ୍ୟ ଯାକବ ମାଝି, ପୂର୍ବତନ ସମିତିସଭ୍ୟ ପୁରୁଷୋତ୍ତମ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ଦୀପ୍ତି ପ୍ରଭାଲାଲ୍ ଶବର, ସମିତିସଭ୍ୟ ମାଫିଏଲ ସ୍ୱାଲସିଂ, ଶିକ୍ଷାବିତ୍ ଦୈବାଧିନ ସତପଥି ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଜିଲାର ପାଣିଗଣ୍ଡା, ଅଡବା, ମୋହନା ତଥା ଜିଲା ବାହାରୁ ଦାରିଙ୍ଗବାଡ଼ି ଆଦି ଅଞ୍ଚଳରୁ ୪୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ନାମେଣ୍ଟ ଦୀର୍ଘ ଏକ ମାସ ଧରି ଚାଲୁରହିବ ବୋଲି କମିଟି ପକ୍ଷରୁ ଜଣାପଡିଛି। ଉଦ୍‌ଘାଟନୀ ମ୍ୟାଚଟି ମୋହନା ଏବଂ ଛଣପାଦ ମଧ୍ୟରେ ହୋଇଥିବା ବେଳେ ମୋହନା ବିଜୟ ହାସଲ କରିଥିଲା।

## ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ



ବିଧାୟକ ସାଲୁଗା ପ୍ରଧାନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କରୁଛନ୍ତି।

ରାଇକିଆ,୮।୨(ଡି.ଏନ.ଏ.)

ରାଇକିଆ ବ୍ଲକର ବଡ଼ବରବା ପଞ୍ଚାୟତ କାର୍ଯ୍ୟାଳୟର ନୂତନ ଗୃହ ସୋମବାର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଡିଓ ପ୍ରବୀଣ କୁମାର ବାଣୁଆ, ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ, ଜିଲା ପରିଷଦସଭ୍ୟ ମତ୍ୟୁଞ୍ଜୟ ପାତ୍ର, ସରପଞ୍ଚ ବନିତା ନାୟକ ସମିତି ସଭ୍ୟ ବାସନ୍ତୀ ଦଳ ବେହେରା, ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଆମ ଗାଁ ଆମ ବିକାଶ ଯୋଜନାରେ ଗୋଷ୍ଠୀ ଗୃହ, ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ଗୃହ, ମିଶନ ଶକ୍ତି କୋଠା ଗୃହ ଉଦ୍‌ଘାଟନ କରିଥିଲେ। ପ୍ରକାଶ ଯେ, ୨୦୧୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବଡ଼ବାରବାକୁ ନୂତନ ପଞ୍ଚାୟତ ଭାବେ ଘୋଷଣା କରାଯିବା ପରେ ଅସ୍ଥାୟୀ ଗୃହରେ କାର୍ଯ୍ୟାଳୟ ଚାଲିଥିଲା।

# 'ଜନସଂଖ୍ୟା ବୃଦ୍ଧି ଦେଶର ବିକାଶରେ ପ୍ରତିବନ୍ଧକ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଫୁଲବାଣୀ ଅଫିସ, ୮।୨

ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସଶକ୍ତ ଆଇନ ଆଣିବାକୁ କନ୍ଧମାଳ ଜିଲା ଜନସଂଖ୍ୟା ଫାଉଣ୍ଡେଶନ ପକ୍ଷରୁ ଫୁଲବାଣୀରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଅଶୋକ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ରାଜ୍ୟ ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଜନସଂଖ୍ୟା ବୃଦ୍ଧି ଦେଶ ବିକାଶରେ କିପରି ପ୍ରତିବନ୍ଧକ ସୃଷ୍ଟି କରୁଛି ତାହା ଉପରେ ଆଲୋଚନା କରିଥିଲେ । ଜନସଂଖ୍ୟା ନିୟନ୍ତ୍ରଣ ନ ହେଲେ ଦେଶରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଓ ଆତଙ୍କରାଜ ବୃଦ୍ଧି ପାଇବ । ସ୍ୱାଧୀନତା ସମୟରେ ଦେଶର ଜନସଂଖ୍ୟା ୩୬ କୋଟି ୧୦ ଲକ୍ଷ ଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୧୩୮ କୋଟିରେ ପହଞ୍ଚିଲାଣି। ଜନସଂଖ୍ୟା ବୃଦ୍ଧି ଯୋଗୁ ସବୁ କ୍ଷେତ୍ରରେ ଅସୁବିଧା ହେଉଛି। ତେଣୁ ଦେଶର ବିକାଶ ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ନାଗରିକଙ୍କ ପାଇଁ ଏକ ସଶକ୍ତ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ଲାଗୁ କରିବା ଆବଶ୍ୟକ। ନିୟମ ଉଲ୍ଲଂଘନକାରୀଙ୍କୁ ସରକାରୀ ପ୍ରୋତ୍ସାହନ ବନ୍ଦ କରିବା ସହ ଭୋଟ ଦାନରୁ ବଞ୍ଚିତ କରି ଦଣ୍ଡ ବିଧାନ କରାଗଲେ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ଠିକ୍ କାର୍ଯ୍ୟ କରିପାରିବ । ଏଥିପାଇଁ ବ୍ୟାପକ ସଚେତନତା ଆବଶ୍ୟକ ବୋଲି ଅତିଥି ଭାବେ ଯୋଗଦେଇ ଅଧାପକ ଦୁଷ୍ମନ୍ତ କୁମାର ମାର୍ଥା, ନବୀନ କିଶୋର ପଣ୍ଡା, ରାଜକିଶୋର ବେହେରା, ନବକିଶୋର ରଥ, ପ୍ରିୟରଞ୍ଜନ ଚୌଧୁରୀ ପ୍ରମୁଖ ପ୍ରକାଶ କରିଥିଲେ । ପ୍ରଶନ୍ନ ସାହାଣୀ, ମନୋଜ ଚୌଧୁରୀ, ଉମେଶ ପାତ୍ର, ଶଚି ପଟ୍ଟନାୟକ, ନରହରି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଆନ୍ତଃ ଜିଲା ଭଲିବଲ ଟୁର୍ନାମେଣ୍ଟ ପାଣିଗଣ୍ଡା ବିଜୟୀ

ସୋରଡ଼ା,୮।୨(ଡି.ଏନ୍.ଏ.)

ସୋରଡ଼ାରେ ଋଷିକୁଲ୍ୟା ଭଲିବଲ କ୍ଲବ ତରଫରୁ ଚାଲିଥିବା ଆନ୍ତଃ ଜିଲା ଭଲିବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ହରିଡ଼ାଖଣ୍ଡି ବ୍ରହ୍ମପୁର ସହ ଗଜପତି ପାଣିଗଣ୍ଡା ମଧ୍ୟରେ ଖେଳ ହୋଇଥିଲା। ଏଥିରେ ପାଣିଗଣ୍ଡା ବିଜୟ ଲାଭ କରିଥିଲା । ବ୍ଲକ ଗୋଷ୍ଠୀଶିକ୍ଷା ଅଧିକାରୀ ବିଜୟ ବେହେରା କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଶିବ ପ୍ରସାଦ ଦାସ, ରାଜେନ୍ଦ୍ର ବେହେରା, ସଦସ୍ୟ ଡିଲୁ ମହାରଣା, ଟୁନା ସେନାପତି, ସୟଦ ୱାସୀମ, ମନୋଜ ପ୍ରଧାନ, ସରୋଜ ପ୍ରଧାନ, ରାଜା ଦାସ ପରିଚାଳନା କରିଥିଲେ।

## ମହିଳାଙ୍କୁ ଗାଁରୁ ବାସନ୍ଦ ଅଭିଯୋଗ

ପାତ୍ରପୁର,୮।୨(ଡି.ଏନ୍.ଏ.)

ଜରଡ଼ା ଥାନା ସବରଦେଇପେଟା ଗ୍ରାମରେ ଜମି ବାଡ଼ିକୁ କେନ୍ଦ୍ର କରି ଜଣେ ବିଧବାଙ୍କୁ ସୋମବାର ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ହେଲେ ମୃତ ରୋକାଲା ହରିଶ୍ଚନ୍ଦ୍ର ରେଡ୍ଡୀଙ୍କ ସ୍ତ୍ରୀ ରୋକାଲା କୁର୍ମାମ୍ମା (୭୮)।

ପ୍ରକାଶ ଯେ, କୁର୍ମାମ୍ମାଙ୍କ ଘର ପଛପଟେ ଥିବା ଜମି ବିବାଦକୁ ନେଇ କିଛି ଦିନ ପୂର୍ବେ ଗ୍ରାମରେ ଏକ ବୈଠକ ହୋଇଥିଲା। ବୈଠକରେ କୁର୍ମାମ୍ମାଙ୍କୁ ୮ ଶହ ଟଙ୍କା ଜରିମାନା ଦେବାକୁ କୁହାଯାଇଥିଲା। ହେଲେ ମୋର ଭୁଲ ନାହିଁ ଏବଂ ଏହା ମୋର ଜାଗା, ତେଣୁ ମୁଁ ଜରିମାନା କାହିଁକି ଦେବି ବୋଲି ମହିଳା ଜଣକ କହିବାରୁ ତାଙ୍କୁ ଗ୍ରାମରୁ ବାସନ୍ଦ କରାଯାଇଥିଲା। ଏ ନେଇ ମହିଳାଙ୍କ ଝିଅ ପାତ୍ରପୁର ଥାନାରେ ଜଣାଇଥିଲେ। ଉଭୟ ପକ୍ଷ ମଧ୍ୟରେ ସମାଧାନ ହୋଇଥିଲେ ମଧ ଗ୍ରାମାବସୀ ଏହାକୁ ନ ମାନି ପୁଣି ମହିଳାଙ୍କୁ ସୋମବାର ବାସନ୍ଦ କରିଥିଲେ। ଯାହାକୁ ନେଇ ଉକ୍ତ ମହିଳାଙ୍କ ଝିଅ ପାତ୍ରପୁର ତହସିଲାଦର ଅମିତ କୁମାର ନାୟକଙ୍କୁ ଅଭିଯୋଗ ପତ୍ର ଦେବା ସହ ଜରଡ଼ା ଥାନା, ଉପଜିଲାପାଳ, ଜିଲାପାଳ, ରାଜ୍ୟ ମାନବାଧିକାର ଆୟୋଗ ପ୍ରମୁଖଙ୍କୁ ଅଭିଯୋଗ ପ୍ରେରଣ କରିଛନ୍ତି। ଏ ନେଇ ତହସିଲଦାରଙ୍କୁ ପଚାରିବାରୁ ଉକ୍ତ ଘଟଣାରେ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଥିଲେ।

## ଭଲିବଲ୍ ଟୁର୍ନାମେଣ୍ଟ: ବଡ଼ପୁଟି ଟିମ୍ ଚାମ୍ପିୟନ

ଛତ୍ରପୁର,୮।୨(ଡି.ଏନ.ଏ.)

ଛତ୍ରପୁର ବ୍ଲକ ପୋଢଲାମପୁର ଗାଁରେ ଚାଲିଥିବା ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ରବିବାର ବଡପୁଟି ଓ ଭାଟକୁମରଡା ଟିମ୍ ମଧ୍ୟରେ ହୋଇଥିବା ଫାଇନାଲ ମ୍ୟାଚରେ ବଡ଼ପୁଟି ଟିମ୍ ବିଜୟୀ ହୋଇଛି। ଉଦ୍‌ଯାପନୀରେ ନରେନ୍ଦ୍ରପୁର ସମିତିସଭ୍ୟ ଜ୍ୟୋତିରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ସମ୍ମାନିତ ଅତିଥି ଭାବେ ସତ୍ୟନାରାୟଣ ସାହୁ, ପ୍ରମୋଦ ସାହୁ ଓ ରାଜ୍ୟ ଛାତ୍ର ବିଜେଡି ସହ ସାଧାରଣ ସମ୍ପାଦକ ରାମହରି ମହାରଣା ଯୋଗଦେଇଥିଲେ। ବିଜେତା ଓ ଉପବିଜେତା ଟିମ୍ ସହ ବେଷ୍ଟ ନେଟର ଜିତୁ, ମ୍ୟାନ୍ ଅଫ ଦି ମ୍ୟାଚ୍ ନଗିନ୍ ଓ ବେଷ୍ଟ ପ୍ଲେୟାର ବାବୁଙ୍କୁ ପୁରସ୍କୃତ କରାଯାଇଥିଲା। ଏସ୍.ଏମ୍.ଭି.ବି. ଟିମ୍‌ର ସଭାପତି ଅସିତ୍ ସାହୁ, ସମ୍ପାଦକ ବଟୁ ତରେଇ, ଶିଶିର ପ୍ରଧାନ, ଗୋପାଳ ପ୍ରହରାଜ, ପ୍ରହ୍ଲାଦ ସ୍ୱାଇଁ, ଟୁଲୁ ସାହୁ, ମିଟୁ ସ୍ୱାଇଁ, ମହେଶ୍ୱର ପାହାନ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।



ବିଜେତା ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି ।

## ଦେବବ୍ରତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ଜହମି ବିଜୟୀ

ରମ୍ଭା,୮।୨

ରମ୍ଭା ବାଇପାସ ଜହମି ଛକ ପାର୍ଶ୍ୱରେ ଲଗାତାର ମା'ଭବାନୀ କ୍ରିକେଟ ଟିମ ଆନୁକୂଲ୍ୟରେ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ୍ ଜହମି କ୍ରିକେଟ ଟିମ ବନାମ ନୂଆଗାଁ କ୍ରିକେଟ ଟିମ ମଧ୍ୟରେ ହୋଇଥିଲା। ଜହମି ୧୫ ଓଭରରେ ୯ ଉଇକେଟ ହରାଇ୧୫୮ ରନ କରିଥିବା ବେଳେ ନୂଆଗାଁ ସମସ୍ତ ଉଇକେଟ ହରାଇ ୧୧୦ ରନ କରି ପରାଜିତ ହୋଇଥିଲା। ବିଜୟୀ ଜହମି ଟିମ୍‌ର କ୍ୟାପଟେନ ଅରବିନ୍ଦ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଧାରା ବିବରଣୀ ଦେଇଥିଲେ ଆଦିତ୍ୟ, ସନ୍ତୋଷ ଏବଂ ସଞ୍ଜୟ। ଅମ୍ପାୟାର ରୂପେ ଶ୍ରୀକାନ୍ତ ଏବଂ ନିକଲେସ ଥିବା ବେଳେ ଶ୍ରୀକାନ୍ତ ନାହାକ ସ୍କୋରିଂ କରିଥିଲେ। ଶେଷରେ କୃତୀ ଖେଳାଳିମାନଙ୍କୁ ପାଲଙ୍କ ସରପଞ୍ଚ ପ୍ରତିନିଧି କୃଷ୍ଣଚନ୍ଦ୍ର ପୁରସ୍କାର ପ୍ରଦାନ କରିଥିଲେ।

## କୋରାପୁଟ ଭାସ୍କର ଏକାଡେମୀ ଫାଇନାଲରେ



ସେମିଫାଇନାଲ ମ୍ୟାଚ୍‌ର ଏକ ଦୃଶ୍ୟ।

### ଏମ୍ଏଲ୍ଏ କପ୍ ଫୁଟବଲ ଟୁର୍ନାମେଣ୍ଟ

କ.ନୂଆଗାଁ,୮।୨(ଡି.ଏନ୍.ଏ.)

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଏମଏଲଏ କପ୍ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚକୁ ସୋମବାର ବାଲିଗୁଡା ବିଧାୟକ ଚକ୍ରମଣି କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭାସ୍କର ଏକାଡେମୀ କୋରାପୁଟ ଓ ଆଇ. ଏଫ.ସି. କ୍ଲବ ରାଉରକେଲା ମଧ୍ୟରେ ହୋଇଥିବା ଏହି ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଟାଇବ୍ରେକରରେ ଭାସ୍କର ଏକାଡେମୀ ୩-୧ରେ ଆଇ.ଏଫ.ସି.କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ରାଉରକେଲାର ମଣ୍ଟୁ ଏକା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆସନ୍ତା ୧୦ ତାରିଖରେ ଭାସ୍କର ଏକାଡେମୀ ଓ ଜେ.ଡି. କ୍ଲବ ଫୁଲବାଣୀ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପରିଚାଳନା କମିଟିର ସଭାପତି କୃଷ୍ଣମୋହନ ପାଣିଗ୍ରାହୀ, ଖଜୁରିପଡା ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁର, କ. ନୂଆଗାଁ ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ଏମ୍‌ପି ପ୍ରତିନିଧି ବାସୁଦେବ ପଣ୍ଡା, ସଂଯୋଜକ ସହଦେବ ପାତ୍ର, ସମ୍ପାଦକ ହିତେଶ କୁମାର ନାୟକ, ଯୁଗ୍ମ ସମ୍ପାଦକ ରଜନୀ କାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

